# କ୍ରଶର ୟୁନିଟ୍‌ରେ ଅନୁମତିଠୁ ଅଧିକ କଳାପଥର

■ ଗାଇଡ୍‌ଲାଇନ ପାଳନ କର: ମାଲିକ ସଂଘ ସଭାପତିଙ୍କୁ ତହସିଲଦାରଙ୍କ ନିର୍ଦ୍ଦେଶ

■ ଲିଜ୍ ହୋଇ ନ ଥିବା ଖାଦାନରୁ କଳାପଥର ଲୁଟ ଜୋରସୋର



ଆରୁହା ଖାଦାନରୁ ଲୁହାପଥର ଚାଲାଣ କରାଯାଉଛି।

**ଯାଜପୁର,୧୭।୧୨(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ପ୍ରାୟ ୯୦ଟି କଳାପଥର ଖାଦାନ ରହିଛି। ତନ୍ମଧ୍ୟରୁ ୨୫ଟି ଲିଜ୍ ଦିଆଯାଇଥିବାବେଳେ ଅନ୍ୟ ଖାଦାନଗୁଡ଼ିକରୁ ଲୁଟ୍ ଚାଲିଛି। ଏହିକ୍ରମରେ ସ୍ଥାନୀୟ କ୍ରଶରଗୁଡିକରେ ଅନୁମତି ଓ ଆବଶ୍ୟକତାଠାରୁ ବହୁ ଗୁଣ ଅଧିକ କଳାପଥର ଗଚ୍ଛିତ ରହିଥିବା ସହ ବେପାର ହେଉଛି। ଏହି ବେଆଇନ ଉତ୍ତୋଳନ ଉପରେ ତହସିଲ ଓ ଲଘୁ ଖଣିଜ ବିଭାଗର କେତେଜଣ ଅଧିକାରୀ କେବଳ ଆଖି ବୁଜିନାହାନ୍ତି, ବରଂ ପରୋକ୍ଷରେ ସହଯୋଗ କରୁଥିବା ଅଭିଯୋଗ ହେଉଛି। ଏହାପରେ ଧର୍ମଶାଳା ତହସିଲଦାର ଶୁଭଙ୍କର ମହାନ୍ତି ତାଙ୍କ ପତ୍ରସଂଖ୍ୟା ୬୭୯୧/୧୬।୧୨।୨୦୨୩ରେ କ୍ରଶର ମାଲିକ ସଂଘର ସଭାପତିଙ୍କୁ ୧୦ ଦଫା ସମ୍ବଳିତ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଉକ୍ତ ନିର୍ଦ୍ଦେଶ କେବଳ ଲୋକଦେଖାଣିଆ ହୋଇଥିଲେ ପୂର୍ବପରି ଆରୁହା, ଡଙ୍କାରୀ, ରାହାଡ଼ପୁର, ଲୁଣିବର, ବାରମାଣ, ବରଡ଼ା, ବାଜବାଟୀ ଓ ବିଛାଖଣ୍ଡି ପାହାଡରୁ ବିପୁଳ କୋଟି ଟଙ୍କାର କଳାପଥର ଚୋରି ଜାରି ରହିବ ବୋଲି ଚର୍ଚ୍ଚା ହେଉଛି।

ସାଟେଲାଇଟ୍ ମାପଚୁପ ପରେ ବେଆଇନ କଳାପଥର କାରବାର ନେଇ କେତେଜଣ ଖାଦାନ ଲିଜ୍‌ଧାରୀଙ୍କୁ ବିଭିନ୍ନ ପର୍ଯ୍ୟାୟରେ ୩୨୦ କୋଟି ଟଙ୍କାର ଜରିମାନା ହୋଇଛି। ତେବେ ଏହି କାର୍ଯ୍ୟାନୁଷ୍ଠାନ ପରେ କେତେଜଣ ଲିଜ୍‌ଧାରୀ ଅଣଲିଜ୍ ଖାଦାନଗୁଡିକରୁ ଚୋରି କରୁଛନ୍ତି। ସାଟେଲାଇଟ୍ ମାପଚୁପ ଓ ଜରିମାନାରୁ ବର୍ତ୍ତିବାକୁ ଏଭଳି ଚାଲାକି କରୁଛନ୍ତି। ସେହିପରି ଜରିମାନା ନିର୍ଦ୍ଦେଶ ଥାଇ ମଧ୍ୟ ସରକାରୀ ଲିଜ୍ ପାଇ ବିନା ଟିପି(ଟ୍ରାନଜିଟ ପାସ)ରେ ବିପୁଳ କଳାପଥର କ୍ରଶରଗୁଡିକୁ ଚାଲାଣ ହେଉଛି। ଆରୁହା ଓ ଡଙ୍କାରୀ କଳାପଥର ପାହାଡ଼ର ୮ଟି ସୈରାତରୁ ଏବେ ଜୋରସୋର ଲୁଟ୍ ଚାଲିଥିବା ଅଭିଯୋଗ ହୋଇଛି। ଏଥିରେ ଧର୍ମଶାଳା ଅଞ୍ଚଳର ବହୁ ପ୍ରଭାବଶାଳୀ ନେତାଙ୍କ ସମ୍ପୃକ୍ତି ରହିଥିବାରୁ ତହସିଲ ପ୍ରଶାସନ ହାତ ମାରିବାକୁ ସାହସ ଜୁଟାଇ ପାରୁନାହାନ୍ତି ବୋଲି ଚର୍ଚ୍ଚା ହେଉଛି। ଏ ନେଇ କେତେଜଣ ଲିଜ୍‌ଧାରୀ ଖଣି ନିର୍ଦ୍ଦେଶକ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ତହସିଲଦାର କ୍ରଶର ୟୁନିଟଗୁଡିକ ଉପରେ ତନଖି କରିବାକୁ ଏକ ଗାଇଡ୍‌ଲାଇନ ପ୍ରସ୍ତୁତ କରିଛନ୍ତି। ଏନେଇ ସେ କ୍ରଶର ୟୁନିଟ ମାଲିକ ସଂଘର ସଭାପତିଙ୍କୁ ମଧ୍ୟ ଆଗୁଆ ସୂଚନା ଦେଇଛନ୍ତି। ଉକ୍ତ ଗାଇଡ୍‌ଲାଇନରେ କ୍ରଶର ୟୁନିଟ ସହ କଳାପଥର ଖାଦାନ ଚୁକ୍ତିକୁ ସଂଯୁକ୍ତ କରିବା, ଏନ୍‌ଓସି, ସିଟିଇ ଓ ସିଟିଓ ନବୀକରଣ, ଜିଏସ୍‌ଟି, କଳାପଥର ପରିବହନ ଗାଡି ବିଳମ୍ବିତ ରାତିରେ ନ ଚଳାଇବା, ଅନୁମତିଠାରୁ ଅଧିକ କଞ୍ଚାମାଲ କିମ୍ବା କ୍ରଶରରୁ ଉତ୍ପାଦିତ ସାମଗ୍ରୀ ୟୁନିଟ ପରିସରରେ ଗଚ୍ଛିତ ନ ରଖିବା, କ୍ରଶର ୟୁନିଟଗୁଡ଼ିକରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ ଆଦି ରହିଛି। ତେବେ ବର୍ତ୍ତମାନ କ୍ରଶରଗୁଡ଼ିକୁ ଚଢାଉ କରାଗଲେ ବିପୁଳ ପରିମାଣର କଞ୍ଚାମାଲ ଜବତ ହୋଇପାରିବ ଏବଂ ସରକାରକୁ ବହୁ କୋଟି ଟଙ୍କା ରାଜସ୍ୱ ମିଳିବ ବୋଲି ମତପ୍ରକାଶ ପାଇଛି। ବିଶେଷକରି ଆରୁହା ଏବଂ ଡଙ୍କାରୀ ପାହାଡ଼ର ଅଣଲିଜ୍ ଅଞ୍ଚଳରୁ କଳାପଥର ଚୋରି ହୋଇ କେତେକ କ୍ରଶରରେ ମହଜୁଦ ରଖାଯାଇଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ଧର୍ମଶାଳା ତହସିଲଦାର ଶୁଭଙ୍କର ତାଙ୍କ ବିଜ୍ଞପ୍ତିରେ ଆହୁରି ପ୍ରକାଶ କରିଛନ୍ତି ଯେ, ସରକାରଙ୍କ ପ୍ରତ୍ୟେକ ରାଜସ୍ୱକୁ ପ୍ରାଧାନ୍ୟ ଦେବା ସହ ଲଘୁ ଖଣିଜ ଦ୍ରବ୍ୟ ଚୋରା କାରବାର ଉପରେ ଅଙ୍କୁଶ ଲଗାଯିବ। ଏଥିପାଇଁ କ୍ରଶର ୟୁନିଟ ମାଲିକ ସଂଘର ସହଯୋଗ ଆବଶ୍ୟକ। ଏହାର ବ୍ୟତିକ୍ରମ ଘଟିଲେ ଆପରାଧିକ ମାମଲା ରୁଜୁ ହେବା ସହ ଜରିମାନା ଆଦାୟ କରାଯିବ।

## କୁକୁଡ଼ାଖାଳିରେ କୁରାଳ ପଞ୍ଚମୀ ପୂଜା

**ଚଢେ଼ଇଧରା,୧୭।୧୨(ଦିଲୀପ ପରିଡ଼ା):**

ଧର୍ମଶାଳା ବ୍ଲକ ମଧୁପୁରଗଡ଼ ପଞ୍ଚାୟତ ଅଧୀନ କୁକୁଡ଼ାଖାଳି ଗ୍ରାମରେ କୁରାଳ ପଞ୍ଚମୀ ପୂଜା ରବିବାରଠାରୁ ଆରମ୍ଭ ହୋଇଛି। ଏହାର ଗୁରୁବାର ପର୍ଯ୍ୟନ୍ତ ଚାଲିବ। ଗ୍ରାମ ପୋଖରୀରୁ କଳସୀରେ ଜଳ ସଂଗ୍ରହ କରାଯାଇ ଏକ ଶୋଭାଯାତ୍ରାରେ ପୂଜାସ୍ଥଳକୁ ଅଣାଯାଇଥିଲା। ଏହାପରେ କୁମ୍ଭକାରଙ୍କ କୂଳ ଦେବତା ଜଗନ୍ନାଥଙ୍କୁ ପୂଜା କରାଯାଇଥିଲା। କୁମ୍ଭକାର ପରିବାର ସଦସ୍ୟମାନେ ନୂଆଲୁଗା ପରିଧାନ କରିଥିଲେ। ନାନା ପିଠାପଣା କରାଯାଇ ଭୋଗ ଲାଗି କରାଯାଇଥିଲା। ଠାକୁରଙ୍କ ଘଟସ୍ଥାପନ ସହ ସୂର୍ଯ୍ୟପୂଜା, ଗୋପୂଜା, ବେଦପାଠ ଓ ଗାୟତ୍ରୀ ଯଜ୍ଞ ଆଦି କରାଯାଇଥିଲା। ସନ୍ଧ୍ୟାରେ ଭଜନ କୀର୍ତ୍ତନ ହୋଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ଏହି ପୂଜା ଧୁମ୍‌ଧାମ୍‌ରେ ପାଳନ କରାଯାଉଛି। ଠାକୁରଙ୍କ ଦର୍ଶନ ନିମନ୍ତେ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି।


କୁରାଳ ପଞ୍ଚମୀରେ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଉଛି।

## ଓଏମ୍‌ସି ଶୁକୁରୁଙ୍ଗୀ ଖଣି ପକ୍ଷରୁ ସୁରକ୍ଷା ସପ୍ତାହ



ଖଣି ସୁରକ୍ଷା ସପ୍ତାହ ପାଳନ ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**କାଳିଆପାଣି,୧୭।୧୨(ଅସିତ ମହାନ୍ତ):**

ଓଏମ୍‌ସି ସୁକୁରୁଙ୍ଗି ଖଣିରେ ୪୧ତମ ଖଣି ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଭୁବନେଶ୍ୱର ରିଜିୟନ ଅଧୀନରେ କାର୍ଯ୍ୟ କରୁଥିବା ଏହି ଖଣିରେ ଖଣି ପରିଚାଳକ ମନୋଜ ସେଠୀ ପତାକା ଉତ୍ତୋଳନ କରିଥିଲେ। ପରେ ଉପସ୍ଥିତ କର୍ମଚାରୀ, ଶ୍ରମିକଙ୍କୁ ଖଣି ନିୟମ ପାଳନ ପାଇଁ ଶପଥ ପାଠ କରାଇଥିଲେ। ଖଣି ପରିଦର୍ଶନମଣ୍ଡଳୀ ମୁଖ୍ୟ ନିହାର ମିତ୍ରଙ୍କ ନେତୃତ୍ୱରେ ଶୁକୁରଙ୍ଗି ଖଣି ପରିଦର୍ଶନ କରାଯାଇଥିଲା। ସନ୍ଧ୍ୟାରେ ଖଣି ସୁରକ୍ଷା ସପ୍ତାହ ପାଳନ ନିମନ୍ତେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଆଞ୍ଚଳିକ ପରିଚାଳକ ଆଶିଷ ସାମନ୍ତରାୟ ଉଦ୍‌ଘାଟନ କରି କାର୍ଯ୍ୟ କରିବାକୁ ଆସିବା ସମୟରେ ନିଜେ ସୁରକ୍ଷିତ ରହିବା ଶହ ଅନ୍ୟକୁ ସୁରକ୍ଷିତ ରଖିବାକୁ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ନାଲକୋ ଖଣିର ଗୁଡୁ ଦୋରା, ହିଣ୍ଡାଲକୋ ଖଣିର ଆନନ୍ଦ ସାହୁ, ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର, ବିଦ୍ୟୁତ୍ ବିଭାଗ ପରିଚାଳକ ସତ୍ୟବ୍ରତ ସାହୁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଖଣି ସୁରକ୍ଷା ବିଷୟରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଦୀର୍ଘ ବର୍ଷ କାର୍ଯ୍ୟ କରିଥିବା ଡ୍ରାଇଭର, ସର୍ଭେୟର ଓ ସିକ୍ୟୁରିଟି ଗାର୍ଡଙ୍କୁ ପୁରସ୍କୃତ କରାଯାଇଥିଲା।

## ନବବିବାହିତାଙ୍କୁ ହତ୍ୟା ଅଭିଯୋଗ

**ଯାଜପୁର ଟାଉନ/ ଯାଜପୁର ସଦର,୧୭।୧୨(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି/ ସମର ବିଜୟ ଶରଣ):**

୪ ମାସ ତଳେ ପ୍ରେମ ବିବାହ କରିଥିବା ଜଣେ ନବବଧୂଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ଏନେଇ ତାଙ୍କ ବାପା ଝିଅକୁ ଯୌତୁକ ପାଇଁ ହତ୍ୟା କରାଯାଇଛି ବୋଲି ଯାଜପୁରସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ନବବଧୂଙ୍କ ଶ୍ୱାମୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ, ଯାଜପୁରସଦର ଥାନା ଜମଧର ଗ୍ରାମର ବିଷ୍ଣୁଚରଣ ସିଂଙ୍କ ଝିଅ ମନୋରମା(୧୯) ସେହି ଗ୍ରାମର ପ୍ରଭାକର ଦାସଙ୍କ ପୁଅ ବେଣୁଧରଙ୍କୁ ୨୦୨୩ ସେପ୍ଟେମ୍ବର ୬ରେ ବିବାହ କରିଥିଲେ। ବିବାହ ସମୟରେ ଯୌତୁକ ବାବଦକୁ ୧ ଲକ୍ଷ ଟଙ୍କା ସହ ସୁନା ଗହଣା ଓ ଆସବାବପତ୍ର ପ୍ରଦାନ କରାଯାଇଥିଲା। ପରେ ଆଉ ୧ ଲକ୍ଷ ଟଙ୍କା ଯୌତୁକ ଆଣିବା ପାଇଁ ଶାଶୁଘର ପକ୍ଷରୁ ମନୋରମାଙ୍କୁ ବାଧ କରାଯାଇ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦିଆଯାଉଥିଲା। ବେଣୁଧର ପ୍ରାୟ ପ୍ରତ୍ୟେକ ଦିନ ମଦ ପିଇ ମନୋରାମାଙ୍କୁ ମାଡ଼ ମାରୁଥିଲେ ବୋଲି ମନୋରମା ବାପଘର ଲୋକମାନଙ୍କ ପାଖରେ ପ୍ରକାଶ କରିଥିଲେ। ଗତ ଶନିବାର ମନୋରମାଙ୍କୁ ଶ୍ୱାମୀ, ଶ୍ୱଶୁର, ଶାଶୁ, ଦେଢ଼ଶୁର, ଯା' ଓ ଦିଅର ମିଶି ମାରିଦେଇଛନ୍ତି ବୋଲି ବିଷ୍ଣୁଚରଣ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅମିତ୍


@ ଅର୍ଜୁନ



@ ସତ୍ୟବ୍ରତ


@ ଶିବରାମ


@ ସୂର୍ଯ୍ୟପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପ୍ରଥମ ପୃଷ୍ଠାରୁ...

### ବୁଖାରୀଙ୍କ ଗୁମର...

ତଥ୍ୟ ମିଳିବ ବୋଲି ଏସ୍‌ଟିଏଫ୍ ଆଶା ବାନ୍ଧିଛି। ଅନ୍ୟପକ୍ଷରେ ଯାଜପୁର ଜିଲାର ରଗଡ଼ି ଜେଲରେ ବୁଖାରୀ ରହିଥିବା ବେଳେ ଜେଲ ବାହାରେ ସୁରକ୍ଷା ବଢ଼ାଯିବ। ଏନେଇ ଜେଲ ଅଧକ୍ଷ ଯାଜପୁର ଏସ୍‌ପିଙ୍କୁ ଚିଠି ଲେଖିଥିବା ସୂଚନା ମିଳିଛି। ସେପଟେ ଏହି ମାମଲାରେ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ 'ନ୍ୟାୟ ପାଇଁ ଲଢ଼େଇ ପରିବାର'ର ସଭାପତି ସୁବ୍ରତ ଦାଶ ଏତଲା ଦେଇଛନ୍ତି। ଏହି ମାମଲାରେ କମିଶନଙ୍କ ଏକ ଟିମ୍ ତଦନ୍ତ କରୁ ବୋଲି ସେ ଏତଲାରେ ନିବେଦନ କରିଛନ୍ତି। ବୁଖାରୀଙ୍କ ଦେଶବିରୋଧୀ କାର୍ଯ୍ୟକଳାପ ସମ୍ପର୍କରେ ପ୍ରମାଣ ମିଳିବା ପରେ ଏସ୍‌ଟିଏଫ୍ ତାଙ୍କ ବିରୋଧରେ ଦେଶବିରୋଧୀ ଦଫା ଲଗାଇ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ବୁଖାରୀ ନିଜକୁ ଡାକ୍ତର, ପିଏମ୍‌ଓ ଅଧିକାରୀ ଆଦି କହି ଓଡ଼ିଶା ସମେତ କଶ୍ମୀର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଭଳି କେତେକ ରାଜ୍ୟରେ ଯୁବତୀଙ୍କୁ ବିଭିନ୍ନ ୱେବ୍‌ସାଇଟ ଓ ଆପ୍ ମାଧ୍ୟମରେ ପ୍ରେମଜାଲରେ ଫସାଇ ବିବାହ କରୁଥିଲେ। ସେ ମହିଳାମାନଙ୍କୁ ବିବାହ ପରେ ସେମାନଙ୍କଠାରୁ ଟଙ୍କା ଲୁଟୁଥିଲେ। ବିଭିନ୍ନ ଅଞ୍ଚଳରେ ବିବାହ କରିବା ପଛରେ ନିଜକୁ ଲୁଚାଇ ରଖି ସମ୍ବେଦନଶୀଳ ତଥ୍ୟ ସଂଗ୍ରହ କରିବା ବୁଖାରୀଙ୍କ ଅସଲ ଉଦ୍ଦେଶ୍ୟ ବୋଲି ସନ୍ଦେହ କରାଯାଉଛି।

### ଫସଲହାନିରୁ ଚାଷୀଙ୍କ...

ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଚମରୁ ଚଳିତ ଖରିଫ ଋତୁରେ ପ୍ରାୟ ୨ଏକର ଜମିରେ ଧାନ ଚାଷ ଓ ବାଡ଼ିରେ କୋବି ଚାଷ କରିଥିଲେ। ପରିବାରରେ ଚମରୁଙ୍କ ସ୍ତ୍ରୀ ଓ ଦୁଇପୁଅ ଜଗଦୀଶ ଏବଂ ଗଜପତି। ଦୁଇପୁଅ ଯୁକ୍ତ ୨ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗାଁରେ ମୂଲମଜୁରି କରିବା ସହ ବାପାଙ୍କୁ ଚାଷରେ ସହାୟତା କରୁଥିଲେ। ତେବେ ଆର୍ଥିକ ଅବସ୍ଥା ଖରାପ ହେବାରୁ ସେମାନେ ଏବେ ଗୁଜରାଟ ଯାଇ ଦାଦନ ଶ୍ରମିକ ଭାବେ କାମ କରୁଛନ୍ତି। ୨ ଏକର ଜମିରୁ ଫସଲ ଅମଳ ଆଶାଜନକ ନ ହେବାରୁ ଚମରୁ ଚିନ୍ତିତ ଥିଲେ। ସେ ଧାରଉଧାର କରି ଚାଷ କରିଥିବା ପରିବାର ଲୋକେ କହିଛନ୍ତି। ତେବେ କେତେ ଟଙ୍କା ସେ ଧାରଉଧାର କରିଛନ୍ତି ସେ ନେଇ ତାଙ୍କ ପରିବାର ତରଫରୁ ସ୍ପଷ୍ଟ କୁହାଯାଇନାହିଁ। ବ୍ୟାଙ୍କରୁ ଋଣ କରିଛନ୍ତି କି ନା ସେନେଇ ମଧ୍ୟ ପରିବାର ପାଖରେ ସୂଚନା ନାହିଁ। ଚାଷୀ ଆତ୍ମହତ୍ୟା ଅଭିଯୋଗ ଉଠିବା ପରେ ଟିଟିଲାଗଡ କୃଷି ବିଭାଗ ଅଧିକାରୀ ଏବଂ ମାର୍ଲାଡ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ବିନେକେଲା ଗାଁକୁ ଯାଇ ଚାଷୀ ଆତ୍ମହତ୍ୟା ଓ ଫସଲହାନି ସଂକ୍ରାନ୍ତରେ ତଦନ୍ତ କରିଥିଲେ। ଚଳିତବର୍ଷ ବଲାଙ୍ଗୀର ଜିଲାରେ ଦୁଇଜଣ ଚାଷୀ ଆତ୍ମହତ୍ୟା କରିବା ଅଭିଯୋଗ ଉଠିଲାଣି। କିଛିଦିନ ପୂର୍ବରୁ ପୁଇଁତଲା ବ୍ଲକ ଅନ୍ତର୍ଗତ ବୁଢେଲ ଗାଁର ଜଣେ ଚାଷୀ ଚକଡା ଯୋଗୁ ଫସଲହାନି ହେବାରୁ ବିଷପିଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା।

## ଆଦିବାସୀ ଖାଦ୍ୟ ଏକତା ସୂତ୍ରରେ ବାନ୍ଧେ

### ଟାଟାଷ୍ଟିଲ୍ ପକ୍ଷରୁ ପ୍ରଜାତୀୟ ଖାଦ୍ୟ ମହୋତ୍ସବ

**କାଳିଆପାଣି,୧୭।୧୨(ଅସିତ ମହାନ୍ତ):**

ସୁକିନ୍ଦା ଖଣି ଅଞ୍ଚଳରେ ଟାଟା ଷ୍ଟିଲ୍ ପକ୍ଷରୁ ରବିବାର ଏକ ପ୍ରଜାତୀୟ ଖାଦ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ଇ. ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ପାରମ୍ପାରିକ ଆଦିବାସୀ ଖାଦ୍ୟ ଋତୁ ଚକ୍ର ପରିବର୍ତ୍ତନ ପରି ପୁରାତନକୁ ଆଧୁନିକ ସହ ଓ ବିଭିନ୍ନତା ଭିତରେ ଏକତା ସୂତ୍ରରେ ବାନ୍ଧି ରଖେ। ଟାଟା ଷ୍ଟିଲ୍‌ର ଏକ୍‌ଜିକ୍ୟୁଟିଭ୍ ଇନ ଚାର୍ଜ ପଙ୍କଜ କୁମାର ସତିଜା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାରମ୍ପାରିକ ଆଦିବାସୀ ଖାଦ୍ୟକୁ ଆପଣାଇଲେ ବିଭିନ୍ନ ରୋଗରୁ ରକ୍ଷା ପାଇବା ସହ ଆଦିବାସୀଙ୍କ ଆର୍ଥିକ ସଚ୍ଛଳତା କରି ପାରିବା ବୋଲି ବକ୍ତବ୍ୟ ରଖିଥିଲେ। ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର, ଜିଲା ପରିଷଦ ସଭ୍ୟ ଜେମା ଚାଖି ଓ ଆଦିବାସୀ ନେତା ଲମ୍ବୋଦର ମୁଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇ ପାରମ୍ପାରିକ ଖାଦ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଏହି ଖାଦ୍ୟ ମହୋତ୍ସବ ଦୁର୍ଗା ପୂଜା ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମାଂସ ପିଠା, କାଇ ଚଟଣୀ (ନାଲି ପିମ୍ପୁଡ଼ି), ଗେଣ୍ଡା ପିଠା, ଜଙ୍ଗଲ ଆଳୁ ପୋଡ଼ା, ସାରୁ ପତ୍ର ତରକାରୀ, ମାଣ୍ଡିଆ ଖିରି, ଆରିସା ପିଠା, ଗୁଲୁଡ଼ି ଖିରି, ମହୁଲ ଫୁଲ ପିଠା, ସହ ବହୁ ଖାଦ୍ୟ ମହିଳାଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ଅତିଥିମାନେ ମେଳାରେ ପାରମ୍ପାରିକ ଖାଦ୍ୟର ଖାଇ ମଜା ନେଇଥିଲେ। ସକାଳ ୧୧ଟାରେ କାଟେପୂର୍ଟି ଅଡିଟୋରିୟରେ ପାରମ୍ପାରିକ ଆଦିବାସୀ ଖାଦ୍ୟରେ ପୋଷଣ ରହିଥିବା ସମ୍ବନ୍ଧରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ଆଦିବାସୀ ମହିଳା ଯମୁନା ମୁର୍ମୁ ମିଲେଟ ତିଆରି ଶୈଳୀ, ମମତା ଦେହୁରି ମାଣ୍ଡିଆ ଖିରି(ଖେଚୁଡ଼ି) ତିଆରି ଶୈଳୀ, ଶାନ୍ତି ସର୍ଦ୍ଦାର କାଇ ଚଟଣୀ (ହାୱା) ସମ୍ବନ୍ଧରେ ଉପସ୍ଥିତ ମହିଳା, ପୁରୁଷ ଓ ପାରମ୍ପାରିକ ଖାଦ୍ୟ ଉପରେ ଗବେଷଣା କରୁଥିବା ଶିକ୍ଷାର୍ଥୀଙ୍କୁ କହିଥିଲେ। ପାରମ୍ପାରିକ ଆଦିବାସୀ ଖାଦ୍ୟ ଅନ୍ୟ ରାଜ୍ୟ ଓ ଦେଶରେ ପ୍ରଦର୍ଶନ କରୁଥିବା ଯୁବ ପ୍ରତିଭା ଅବିନାଶ ନାୟକ, ଗବେଶକ ଡ. ପ୍ରମୋଦ ପଟେଲ ଓ ମାନଶ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ରାଜ୍ୟରେ ଥିବା ୧୧୭ ପ୍ରକାର ଶାଗ, ୬୨ ପ୍ରକାର ଦେଶୀ ଧାନ ସହ କୋରାପୁଟ, କଳାହାଣ୍ଡି, କନ୍ଧମାଳ, ଗଜପତି ଅଞ୍ଚଳରେ ରହୁଥିବା ଆଦିବାସୀଙ୍କ ସହ ରାଜ୍ୟର ଅନ୍ୟ ଜିଲାରେ ରହୁଥିବା ଆଦିବାସୀଙ୍କ ପାରମ୍ପାରିକ ଖାଦ୍ୟକୁ ମହୋତ୍ସବ ମାଧ୍ୟମରେ ପ୍ରଦର୍ଶନ କରି ପ୍ରୋତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ନିଳୀମା, ଗ୍ରେସି, ସରିତା ପରିଚାଳନା କରିଥିଲେ। ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ, ଟାଟା ଷ୍ଟିଲ ଫାଉଣ୍ଡେସନ ମୁଖ୍ୟ ଦେବଞ୍ଜନ ମୁଖାର୍ଜୀ, କର୍ପୋରେଟ କମ୍ୟୁନିକେଶନର ସୁକିନ୍ଦା ମୁଖ୍ୟ ଜ୍ୟୋତିପ୍ରକାଶ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ପ୍ରଜାତୀୟ ଖାଦ୍ୟ ମହୋତ୍ସବରେ ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ଇ. ପ୍ରୀତିରଞ୍ଜନ ଘଡ଼ାଇ ଏବଂ ଅନ୍ୟମାନେ।

# ବଡ଼ମୂଳବସନ୍ତ ସମବାୟରେ ଅନିୟମିତତା ଅଭିଯୋଗ

ପଟ୍ଟାମୁଣ୍ଡାଇ,୧୭।୧୨(କଳ୍ପତରୁ ନାୟକ)



■ମିଳୁନି ଚାଷୀଙ୍କୁ ଋଣ
■ଧାରଣା,ଅନଶନ ପରେ କାର୍ଯ୍ୟାନୁଷ୍ଠାନ ଶୂନ୍

କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ୧୬ ପ୍ରାଥମିକ କୃଷି ସମବାୟ ସମିତି ମଧ୍ୟରୁ ବଡ଼ମୁଳବସନ୍ତ ସମିତିରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଏକାଧିକ ଥର ଚାଷୀଙ୍କ ଧାରଣା ଓ ଅନଶନ ହୋଇଛି । ହେଲେ ବିଭାଗୀୟ ଅଧିକାରୀମାନେ ଏ ସଂକ୍ରାନ୍ତରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ଏନେଇ ଚାଷୀମାନେ କେନ୍ଦ୍ରାପଡ଼ା ଏଆରସିଏସ୍‌ଙ୍କୁ ଅବଗତ କରିଛନ୍ତି । ଏହି ଅନିୟମିତତାର ତଦନ୍ତ କରାଯାଇ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଆରସିଏସ୍ କହିଛନ୍ତି ।

ବଡମୁଳବସନ୍ତ ସମବାୟ ସମିତି ଅଧୀନରେ ଥିବା ଚାଷୀ ଅଶୋକ ଦାଶ, ଅସିତ ଧଳ, ତପନ ମଳିକ ପ୍ରମୁଖ କୁହନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ବଡମୁଳବସନ୍ତ ପ୍ରାଥମିକ କୃଷି ସମବାୟ ସମିତିରେ ବ୍ୟାପକ ଅନିୟମିତତା ହୋଇ ଆସୁଥିବା ବେଳେ ପ୍ରଶାସନିକ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଛନ୍ତି। ଏଥିପାଇଁ ଆଗାମୀ ଦିନରେ ସମିତିରେ ବ୍ୟାପକ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି । ସୂଚନା ଅନୁଯାୟୀ, ଏହି ସମବାୟ ସମିତି ଅଧୀନରେ ୩ ପଞ୍ଚାୟତର ୨୦ ରାଜସ୍ୱ ଗ୍ରାମ ଥିବା ବେଳେ ୩୪୫୪ ଚାଷୀ ସଭ୍ୟ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୭୮୯ ଜଣ ସଭ୍ୟଚାଷୀ କିଷାନ କ୍ରେଡ଼ିଟ କାର୍ଡଧାରୀ ହୋଇଥିବା ବେଳେ ୧୦୩୯ ଜଣ ଋଣ ନେଣଦେଣ କରୁଛନ୍ତି। ଗତ ମେ'୨୧ରେ ସମବାୟ ନିରୀକ୍ଷକ ରଜତ ପାଣି ପରିଦର୍ଶନ ବେଳେ ସମିତିରେ ଜମା ଅର୍ଥ ମୋଟ ୨୫ ହଜାର ୮୫୩ ଟଙ୍କା ଥିବା ଜାଣିବାକୁ ପାଇଥିଲେ । ୨୦୨୧-୨୨ ଆର୍ଥିକ ବର୍ଷ ଅଡିଟ୍ ରିପୋର୍ଟ ତନଖି କରିବାରେ ସମବାୟ ସମିତି ସଭ୍ୟମାନଙ୍କୁ ୨ କୋଟି ୮୦ଲକ୍ଷ ଋଣ ଲଗାଣ କରାଯାଇଛି। ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ବଡମୁଳବସନ୍ତ ସମିତି ୩ କୋଟି ୯୭ ଲକ୍ଷ ଋଣ ଟଙ୍କା କେନ୍ଦ୍ର ସମବାୟ ବ୍ୟାଙ୍କକୁ ଶୁଝିବାକୁ ଅଛି ବୋଲି ବ୍ୟାଙ୍କ ପରିଚାଳକ ନୀରଦ ନାୟକଙ୍କଠାରୁ ସୂଚନା ପାଇଥିଲେ । ଅନ୍ୟପକ୍ଷେ ଅଡିଟ୍ ରିପୋର୍ଟରୁ ୧୦୧୫ ଜଣ ସଭ୍ୟ ଚାଷୀଙ୍କ ଅଣାଦାୟ ଋଣ ୪ କୋଟି ୨୦ ଲକ୍ଷ ଅଛି ବୋଲି ଜାଣିଥିଲେ । ତେବେ ୨୦୨୧-୨୨ଠାରୁ ୨୦୨୨-୨୩ ମାର୍ଚ୍ଚ ପର୍ଯ୍ୟନ୍ତ କୌଣସି ଚାଷୀ ଋଣ ଉଠାଇ ନ ଥିବା ବେଳେ ୧ କୋଟି ୧୭ ଲକ୍ଷ ଋଣ କାହା ନାମରେ ଉଠା ହୋଇଛି ଓ କିଏ ଏ ଅର୍ଥ ହଡପ କରିଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ସେମାନେ କହିଛନ୍ତି । ଅପରପକ୍ଷେ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଚଳିତ ବର୍ଷ ଜୁଲାଇ ୨୬ରେ ୧୫୪ଜଣ ଚାଷୀଙ୍କ କ୍ରେଡିଟ ଲିମିଟ ଋଣ ଲଗାଣ ପାଇଁ ମଞ୍ଜୁର କରାଯାଇଥିଲା । ମାତ୍ର ବ୍ୟାଙ୍କର ନିଷ୍କ୍ରିୟତା ହେଉ କି ସମବାୟ ସମିତିର ଅନିୟମିତତା ହେଉ ଋଣ ଲଗାଣ ହୋଇପାରିଲା ନାହିଁ । ଚଳିତବର୍ଷର ରବି ଋତୁରେ ୭୧ଜଣ ଚାଷୀଙ୍କୁ ଋଣ ଲଗାଣ କରାଯାଇ ଚାଷୀଙ୍କ ଜମା ଖାତାକୁ ଟଙ୍କା ଯାଇଥିଲେ ମଧ ଚାଷୀମାନେ ବାରମ୍ବାର ବ୍ୟାଙ୍କକୁ ଦୌଡ଼ି ଟଙ୍କା ନ ପାଇବାରୁ ଗତ ମାସ ୨୩ ରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କରେ ଧାରଣା ଦେଇଥିଲେ । ଏହି ଘଟଣାକୁ ନେଇ ଜନଶକ୍ତି ପାର୍ଟି ରାଜ୍ୟ ସଭାପତି ଆଇନଜୀବୀ ପ୍ରଦୀପ ଦାଶ ଦୃଢ ନିନ୍ଦା କରିବା ସହିତ କହିଥିଲେ ପୂର୍ବରୁ ଆଠଗଡ଼ ଓ ନୟାଗଡ଼ରେ ସମବାୟ ଦୁର୍ନୀତି ପଦାକୁ ଆସିଥିଲା । ଏବେ କେନ୍ଦ୍ରାପଡ଼ା ଜିଲାରେ ସମବାୟ ଅନିୟମିତତା ପଦାକୁ ଆସିଛି । ଏହି ଘଟଣାରେ ସମ୍ପୃକ୍ତ ଉଭୟ ବ୍ୟାଙ୍କ ଆଉ ସମିତି ମଧରେ ତାଳମେଳ ରହୁ ନ ଥିବାରୁ ସାଧାରଣ ଚାଷୀମାନେ ହଇରାଣ ହେଉଛନ୍ତି । ତେବେ ପ୍ରକୃତ ଘଟଣା ଉପରେ ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ ହେଲେ ଏହାର ଠିକ୍ ତଥ୍ୟ ପଦାକୁ ଆସିବ ବୋଲି ସେ ଦାବି କରିଛନ୍ତି । ଏ ବାବଦରେ ବଡମୁଳବସନ୍ତ ସମ୍ପାଦକ ଅଜୟ ବେହେରାଙ୍କୁ ଯୋଗାଯୋଗ କରିବାରୁ ଯେଉଁ ଚାଷୀ ଆସୁଛନ୍ତି ସେମାନେ ଋଣ ନେଉଛନ୍ତି । ଏଥିରେ କୌଣସି ଅନିୟମିତତା ହୋଇନାହିଁ ବୋଲି କହିଛନ୍ତି ।

# ଡିୟୁଟିକୁ ଯାଉଥିବା ବେଳେ ଦୁର୍ଘଟଣାରେ ଯୁବକ ମୃତ

କୁଜଙ୍ଗ, ୧୭।୧୨ (ମନୋଜ ପ୍ରଧାନ)

■କମ୍ପାନୀ ପକ୍ଷରୁ ଜଣକୁ ଚାକିରି
■୫ ଲକ୍ଷ ୩୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି

ତୈଳ ବିଶୋଧନାଗାର ପ୍ରକଳ୍ପକୁ ଡିୟୁଟି କରିବାକୁ ଯାଉଥିବା ବେଳେ ଟ୍ରାକ୍ଟର ସହ ବାଇକ୍ ଦୁର୍ଘଟଣାରେ ରବିବାର ସକାଳ ୮ଟାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକଙ୍କୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ଓ ପରିବାର ଲୋକ ମୃତଦେହ ଧରି ତୈଳ ବିଶୋଧନଗାର ସମ୍ମୁଖରେ ଧାରଣା ଦେଇଥିଲେ।

କୁଜଙ୍ଗ ଥାନା ଅନ୍ତର୍ଗତ ସମାଗୋଳ ଗାଁ ମୁଣ୍ଡ ଇଟାଭାଟିରୁ କାମ ସାରି ନଂ.ଓଡି ୨୧ଏକ୍ସ ୭୮୪୩ ଟ୍ରାକ୍ଟର ମୁଖ୍ୟ ରାସ୍ତା ସାଗରରୋଡକୁ ଉଠିବା ପରେ ଚାଳକ ପଛକୁ ପଛାଉଥିଲା। ସେହି ସମୟରେ ସମାଗୋଳ ଗାଁ ମନୋରଞ୍ଜନ ମହାରଣାଙ୍କ ପୁଅ ପ୍ରଳୟ (୨୩) ତୈଳ ବିଶୋଧନାଗାର ପ୍ରକଳ୍ପରେ କାର୍ଯ୍ୟରତ ଠିକା କମ୍ପାନୀ ବ୍ରିଜ ଆଣ୍ଡ ରୁଫକୁ କାମ କରିବାକୁ ବାଇକ୍ ନଂ. ଓଡି୨୧ଏଲ୫୯୬୩ ଯୋଗେ ଯାଉଥିବା ବେଳେ ଟ୍ରାକ୍ଟରକୁ ପଛରୁ ପିଟିଥିଲେ। ଫଳରେ ପ୍ରଳୟଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଦୁର୍ଘଟଣା ପ୍ରଳୟଙ୍କ ଘରଠାରୁ ମାତ୍ର ୧୦୦ ମିଟର ଦୂରରେ ଗାଁ ଟ୍ରାକ୍ଟର ସହ ହୋଇଥିବାରୁ ଆମ୍ବୁଲାନ୍ସ ଯୋଗେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ କୁଜଙ୍ଗ ପୋଲିସ ଖବରପାଇ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଗ୍ରାମବାସୀ ଓ ପରିବାର ଲୋକ ମୃତଦେହକୁ ନେଇ କ୍ଷତିପୂରଣ ଦାବିରେ ତୈଳ ବିଶୋଧନାଗାର ପ୍ରକଳ୍ପ ୨ ନଂ. ଫାଟକ ନିକଟରେ ପହଞ୍ଚି ଥିଲେ। ଖବରପାଇ କମ୍ପାନୀ କର୍ତ୍ତୃପକ୍ଷ ସେଠାରେ ପହଞ୍ଚି ଏକ ହୋଟେଲକୁ ଆଲୋଚନା ପାଇଁ ଡାକି ଥିଲେ। ଉକ୍ତ ଆଲୋଚନାରେ ବ୍ରିଜ ଆଣ୍ଡ ରୁଫର ଡିଜିଏମ୍ ନିଲଞ୍ଜନ ଦାସ ଓ ମାନବ ସମ୍ବଳ ଅଧିକାରୀ ତରୁଣ ଦାସ ମୃତକଙ୍କ ପକ୍ଷରୁ ସ୍ଥାନୀୟ ଗୋପୀଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ଶରଣାରବିନ୍ଦ ଓଝା, ବିଶ୍ୱନାଥ ପରିଡା, ମୃତକଙ୍କ ଜେଜେ ନୃସିଂହ ମହାରଣା, ପ୍ରଣବ ମହାରଣା, ମଣିଶଙ୍କର ପରିଡା, ବିଶ୍ୱଭୂଷଣ ତ୍ରିପାଠୀ, ବାବୁ ବାରିକ ପ୍ରମୁଖ ଭାଗ ନେଇଥିଲେ। କମ୍ପାନୀ ପକ୍ଷରୁ ମୃତକଙ୍କ ପରିବାରରୁ ଜଣକୁ ଚାକିରି, କ୍ଷତିପୂରଣ ବାବଦ ୫ଲକ୍ଷ ଟଙ୍କା ଓ ଅନ୍ତେଷ୍ଟିକ୍ରିୟା ନିମନ୍ତେ ୩୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ମିଳିଥିବା ସ୍ଥାନୀୟ ସରପଞ୍ଚ ଶ୍ରୀନିବାସ ସ୍ୱାଇଁଙ୍କ ଠାରୁ ପ୍ରକାଶ। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରିବା ସହ ପରେ ଦୁର୍ଘଟଣା ସ୍ଥଳକୁ ଯାଇ ବାଇକ୍ ଓ ଟ୍ରାକ୍ଟରକୁ ଜବତ କରି ଥାନାକୁ ଆଣିଥିଲା।

# ସରକାର ତୁରନ୍ତ ୪ ଦୁଆର, ରତ୍ନଭଣ୍ଡାର ଖୋଲନ୍ତୁ




ଶ୍ରୀ ଜଗନ୍ନାଥ ସେନା ପକ୍ଷରୁ ସିଦ୍ଧ ବାରଙ୍ଗ ପୀଠ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଜଗତ୍‌ସିଂହପୁର, ୧୭।୧୨
(ପ୍ରମୋଦ କୁମାର ନାୟକ)

ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଭକ୍ତ ଜାଗରଣ ଜନସମ୍ପର୍କ ଯାତ୍ରା

ରାଜ୍ୟ ସରକାର ତୁରନ୍ତ ଶ୍ରୀଜଗନ୍ନାଥ ମନ୍ଦିରର ୪ ଦୁଆର ଓ ରତ୍ନ ଭଣ୍ଡାର ଖୋଲନ୍ତୁ। ନଚେତ ଆନ୍ଦୋଳନ ତୀବ୍ର ହେବ। ପୁରୀସ୍ଥିତ ଶ୍ରୀଜଗନ୍ନାଥ ସେନା କେନ୍ଦ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ବାରଙ୍ଗସ୍ଥିତ ସିଦ୍ଧ ବାରଙ୍ଗ ପୀଠରେ ଅନୁଷ୍ଠିତ ଭକ୍ତ ଜାଗରଣ ଜନସମ୍ପର୍କ ଯାତ୍ରାରେ ଏହି ଚେତାବନୀ ଦିଆଯାଇଛି। ସେନା ପକ୍ଷରୁ କୁହାଯାଇଛି ଗତ ୪ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ରତ୍ନ ଭଣ୍ଡାରର ରତ୍ନ ଗଣତି ନୁହେଁ, କେବଳ ଲେଜର ସ୍କାନିଂ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଯାହାକୁ ସେନା ଘୋର ବିରୋଧ କରୁଛି। ଏହା ପ୍ରଶାସନର କୁଟନୀତି। ଲୋକେ ଏ ବିଷୟରେ ବୁଝିଲେଣି। ତେଣୁ ସେନା ପକ୍ଷରୁ ଭକ୍ତ ଜାଗରଣ ଜନସମ୍ପର୍କ ଯାତ୍ରା ମାଧ୍ୟମରେ ଲୋକଙ୍କ ଭିତରେ ସଚେତନତା ବୃଦ୍ଧି କରାଯାଉଛି। ଏହା ଭିତରେ ୧୫ ଜିଲାରେ କାର୍ଯ୍ୟକ୍ରମ ସରିଲାଣି। ଆଗାମୀ ଦିନରେ ଅବଶିଷ୍ଟ ଜିଲାଗୁଡ଼ିକରେ ଜନସମ୍ପର୍କ ଯାତ୍ରା ଚାଲିବ। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସେନାର କେନ୍ଦ୍ରୀୟ ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ସେନା ପକ୍ଷରୁ ଅକ୍ଟୋବର ୩ ରେ ଉପରୋକ୍ତ ଦାବିରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଏହି ପ୍ରସଙ୍ଗରେ ହାଇକୋର୍ଟ ହସ୍ତକ୍ଷେପ କରିଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ୨ ମାସ ମଧ୍ୟରେ ସରିଲା ପରେ ୪ ଦୁଆର ଖୋଲାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ କିଛି ହେଲା ନାହିଁ। ଏଠି ବିଶର ମହାନ୍ତି ବ୍ରହ୍ମ ଆଣି ଗଡ଼କୁଜଙ୍ଗ ଏବଂ ଝାଡ଼ୁଆରେ ରଖିଥିଲେ। ତେଣୁ ଜଗତ୍‌ସିଂହପୁର ହେଉଛି ପବିତ୍ର ବୀର ତଥା ବ୍ରହ୍ମପାତାଳି ମାଟି। ସିଦ୍ଧ ବାରଙ୍ଗ ପୀଠ ମହାପ୍ରଭୁଙ୍କ ଭୋଗଖିଆ ପୀଠ। ପଣ୍ଡୁ ପୂର୍ଣ୍ଣମୀର ପୂର୍ବଦିନ ଅର୍ଥାତ୍ ଚତୁର୍ଦ୍ଦଶୀ ଦିନ ଜଗନ୍ନାଥ ଏଠିକି ଆସନ୍ତି। ତେଣୁ ଏହି ବାରଙ୍ଗ ସିଦ୍ଧ ପୀଠରେ ଚାରିଦ୍ୱାର ଖୋଲିବା, ରତ୍ନ ଭଣ୍ଡାର ଖୋଲିବା ଦାବି କରାଯାଉଛି। ରାଜ୍ୟବାସୀ ଶ୍ରୀମନ୍ଦିରରେ ପ୍ରଭୁଙ୍କୁ ଦର୍ଶନ ପାଇଁ ଘଣ୍ଟା ଘଣ୍ଟା ଛିଡ଼ା ହୋଇ ରହୁଛନ୍ତି। କାର୍ତ୍ତିକ ମାସରେ ହବିଷିଆଳିମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏ ସମ୍ପର୍କରେ ହାଇକୋର୍ଟ ହସ୍ତକ୍ଷେପ କରିଥିଲେ। ଯେଉଁ କାରଣରୁ ୨୦୧୮ ଏପ୍ରିଲରେ ଅନୁଧ୍ୟାନ ହୋଇଥିଲା। ରତ୍ନ ଭଣ୍ଡାର ଭୁଷୁଡ଼ିବା ସାଙ୍ଗକୁ ପାଣି ଗଳୁଥିବାରୁ ତୁରନ୍ତ ମରାମତି ଦରକାର ବୋଲି କୁହାଯାଇଥିଲା। ଏ ସଂକ୍ରାନ୍ତରେ ହାଇକୋର୍ଟରେ ମଧ ସତ୍ୟପାଠ ଦାଖଲ ହୋଇଥିଲା। କିନ୍ତୁ ଖୋଲାଯାଉନାହିଁ। ଲୁଟ୍ ହୋଇଥିବା ସନ୍ଦେହ କରାଯାଉଥିବାରୁ ସରକାର ତୁରନ୍ତ ରତ୍ନ ଭଣ୍ଡାର ଖୋଲନ୍ତୁ ବୋଲି ପଟ୍ଟନାୟକ ଦାବି କରିଛନ୍ତି। ଏହି ସମୟରେ ଅନ୍ୟମାନଙ୍କ ମଧରେ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଡ. ଅରୁଣ କୁମାର ପାଣି, ଆଇନଜୀବୀ ମନୋଜ ମହାପାତ୍ର, ସନ୍ତୋଷ ରାଉତ, ପ୍ରଫୁଲ୍ଲ କୁମାର ବେହେରା, ମଙ୍ଗରାଜ ସାସମଲ ଓ ନରସିଂହ ପୂଜାପଣ୍ଡା ପ୍ରମୁଖ ସାମିଲ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅମିତ୍



@ ଅର୍ଜୁନ



@ ସତ୍ୟବ୍ରତ



@ ଶିବରାମ



@ ସୂର୍ଯ୍ୟପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପ୍ରଥମ ପୃଷ୍ଠାରୁ...

### ବୁଖାରୀଙ୍କ ଗୁମର...

ତଥ୍ୟ ମିଳିବ ବୋଲି ଏସ୍‌ଟିଏଫ୍ ଆଶା ବାନ୍ଧିଛି। ଅନ୍ୟପକ୍ଷରେ ଯାଜପୁର ଜିଲାର ରଗଡ଼ି ଜେଲରେ ବୁଖାରୀ ରହିଥିବା ବେଳେ ଜେଲ ବାହାରେ ସୁରକ୍ଷା ବଢ଼ାଯିବ। ଏନେଇ ଜେଲ ଅଧକ୍ଷ ଯାଜପୁର ଏସ୍‌ପିଙ୍କୁ ଚିଠି ଲେଖିଥିବା ସୂଚନା ମିଳିଛି। ସେପଟେ ଏହି ମାମଲାରେ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ 'ନ୍ୟାୟ ପାଇଁ ଲଢ଼େଇ ପରିବାର'ର ସଭାପତି ସୁବ୍ରତ ଦାଶ ଏତଲା ଦେଇଛନ୍ତି। ଏହି ମାମଲାରେ କମିଶନଙ୍କ ଏକ ଟିମ୍ ତଦନ୍ତ କରୁ ବୋଲି ସେ ଏତଲାରେ ନିବେଦନ କରିଛନ୍ତି। ବୁଖାରୀଙ୍କ ଦେଶବିରୋଧୀ କାର୍ଯ୍ୟକଳାପ ସମ୍ପର୍କରେ ପ୍ରମାଣ ମିଳିବା ପରେ ଏସ୍‌ଟିଏଫ୍ ତାଙ୍କ ବିରୋଧରେ ଦେଶବିରୋଧୀ ଦଫା ଲଗାଇ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ବୁଖାରୀ ନିଜକୁ ଡାକ୍ତର, ପିଏମ୍‌ଓ ଅଧିକାରୀ ଆଦି କହି ଓଡ଼ିଶା ସମେତ କଶ୍ମୀର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଭଳି କେତେକ ରାଜ୍ୟରେ ଯୁବତୀଙ୍କୁ ବିଭିନ୍ନ ୱେବ୍‌ସାଇଟ ଓ ଆପ୍ ମାଧ୍ୟମରେ ପ୍ରେମଜାଲରେ ଫସାଇ ବିବାହ କରୁଥିଲେ। ସେ ମହିଳାମାନଙ୍କୁ ବିବାହ ପରେ ସେମାନଙ୍କଠାରୁ ଟଙ୍କା ଲୁଟୁଥିଲେ। ବିଭିନ୍ନ ଅଞ୍ଚଳରେ ବିବାହ କରିବା ପଛରେ ନିଜକୁ ଲୁଚାଇ ରଖି ସମ୍ବେଦନଶୀଳ ତଥ୍ୟ ସଂଗ୍ରହ କରିବା ବୁଖାରୀଙ୍କ ଅସଲ ଉଦ୍ଦେଶ୍ୟ ବୋଲି ସନ୍ଦେହ କରାଯାଉଛି।

### ଫସଲହାନିରୁ ଚାଷୀଙ୍କ...

ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଚମରୁ ଚଳିତ ଖରିଫ ଋତୁରେ ପ୍ରାୟ ୨ଏକର ଜମିରେ ଧାନ ଚାଷ ଓ ବାଡ଼ିରେ କୋବି ଚାଷ କରିଥିଲେ। ପରିବାରରେ ଚମରୁଙ୍କ ସ୍ତ୍ରୀ ଓ ଦୁଇପୁଅ ଜଗଦୀଶ ଏବଂ ଗଜପତି। ଦୁଇପୁଅ ଯୁକ୍ତ ୨ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗାଁରେ ମୂଲମଜୁରି କରିବା ସହ ବାପାଙ୍କୁ ଚାଷରେ ସହାୟତା କରୁଥିଲେ। ତେବେ ଆର୍ଥିକ ଅବସ୍ଥା ଖରାପ ହେବାରୁ ସେମାନେ ଏବେ ଗୁଜରାଟ ଯାଇ ଦାଦନ ଶ୍ରମିକ ଭାବେ କାମ କରୁଛନ୍ତି। ୨ ଏକର ଜମିରୁ ଫସଲ ଅମଳ ଆଶାଜନକ ନ ହେବାରୁ ଚମରୁ ଚିନ୍ତିତ ଥିଲେ। ସେ ଧାରଉଧାର କରି ଚାଷ କରିଥିବା ପରିବାର ଲୋକେ କହିଛନ୍ତି। ତେବେ କେତେ ଟଙ୍କା ସେ ଧାରଉଧାର କରିଛନ୍ତି ସେ ନେଇ ତାଙ୍କ ପରିବାର ତରଫରୁ ସ୍ପଷ୍ଟ କୁହାଯାଇନାହିଁ। ବ୍ୟାଙ୍କରୁ ଋଣ କରିଛନ୍ତି କି ନା ସେନେଇ ମଧ ପରିବାର ପାଖରେ ସୂଚନା ନାହିଁ। ଚାଷୀ ଆତ୍ମହତ୍ୟା ଅଭିଯୋଗ ଉଠିବା ପରେ ଟିଟିଲାଗଡ କୃଷି ବିଭାଗ ଅଧିକାରୀ ଏବଂ ମାର୍ଲାଡ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ବିନେକେଲା ଗାଁକୁ ଯାଇ ଚାଷୀ ଆତ୍ମହତ୍ୟା ଓ ଫସଲହାନି ସଂକ୍ରାନ୍ତରେ ତଦନ୍ତ କରିଥିଲେ। ଚଳିତବର୍ଷ ବଲାଙ୍ଗୀର ଜିଲାରେ ଦୁଇଜଣ ଚାଷୀ ଆତ୍ମହତ୍ୟା କରିବା ଅଭିଯୋଗ ଉଠିଲାଣି। କିଛିଦିନ ପୂର୍ବରୁ ପୁଇଁତଳା ବ୍ଲକ ଅନ୍ତର୍ଗତ ବୁବେଲ ଗାଁର ଜଣେ ଚାଷୀ ଚକଡା ଯୋଗୁ ଫସଲହାନି ହେବାରୁ ବିଷପିଇ ଆତ୍ମହତ୍ୟା କହିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା।

# ଚଉମୁହାଣିର ଲକ୍: ଦିନଯାଇଛି, ଚିହ୍ନ ରହିଛି

ପାରାଦୀପ,୧୭।୧୨(ଶରତ ରାଉତ)



ଚଉମୁହାଣିଠାରେ ଥିବା ଲକ୍‌ର ହ୍ୟାଣ୍ଡେଲ ଚକ ରହିଛି।



ତାଳଦଣ୍ଡା କେନାଲରେ ଥିବା ପ୍ରତୀକ କାଠ କବାଟ।

ତାଳଦଣ୍ଡା କେନାଲର ପ୍ରତୀକ କାଠ କବାଟ

ଜଗତ୍‌ସିଂହପୁର ଜିଲାର ଜୀବନରେଖା କୁହାଯାଉଥିବା ତାଳଦଣ୍ଡା କେନାଲ ଲକ୍ ଏବେ ନିଶ୍ଚିହ୍ନ ଅବସ୍ଥାରେ ପଡ଼ିଛି। ନୂଆଗଡ଼ ପଞ୍ଚାୟତ ଚଉମୁହାଣୀଠାରେ ଉକ୍ତ ଲକ୍‌ର କେବଳ ୨ଟି ହ୍ୟାଣ୍ଡେଲ ଚକ, ଭଙ୍ଗା କାଠ କବାଟ ଓ ହାୱଡ଼ା ପୋଲ ଭଳି ଏକ କ୍ଷୁଦ୍ର ପୋଲ ରହିଛି। ଇଂରେଜ ଶାସନ ସମୟରେ ତିଆରି ହୋଇଥିବା ଉକ୍ତ ଲକ୍ ଏବେ ପାଣି ରୋକିବାରେ ସହାୟ ହେଉଛି। କିନ୍ତୁ ତା'ର ପୁନରୁଦ୍ଧାର ହେଉନାହିଁ।

ସୂଚନାଯୋଗ୍ୟ, ୧୮୬୬ରେ ଇଂରେଜମାନେ ବେପାର ବଣିଜ କରିବା ପାଇଁ ମହାନଦୀର ଚଉମୁହାଣୀକୁ ଚୟନ କରିଥିଲେ। ୪ଟି ନଦୀର ମିଳନ ସ୍ଥଳ ହୋଇଥିବାରୁ ତାଙ୍କୁ ଚଉମୁହାଣୀ କୁହାଯାଉଛି। ସେହି ନଦୀଗୁଡିକ ହେଲା, ହଳଦିପାଣୀ, ଲୁଣା, ଚିତ୍ରୋତ୍ପଳା ଓ ମହାନଦୀ। ସମୁଦ୍ର ମୁହାଣଠାରୁ ଏହା ମାତ୍ର ୪ କିମି। ସେହିଠାରେ ଇଂରେଜମାନେ ବଡ଼ ବୋଇତ ରଖିଥାନ୍ତି। ସେଇଠୁ ଛୋଟ ଡଙ୍ଗାରେ ସାମଗ୍ରୀ ଧରି ତାଳଦଣ୍ଡା କେନାଲ ବାଟେ କଟକ ଛତ୍ର ବଜାର ଯାତାୟାତ କରନ୍ତି। ତାଳଦଣ୍ଡା କେନାଲ ସେଥିପାଇଁ କରାଯାଇଥିଲା। ମହାନଦୀର ଯୋବ୍ରାଠାରୁ ମଧୁର ପାଣି କେନାଲରେ ଛଡା ଯାଇଥାଏ। ସେହି କେନାଲ ପାଣିକୁ ସେତେବେଳେ ଜଗତ୍‌ସିଂହପୁର ଜିଲାର ଚାଷୀମାନେ ବ୍ୟବହାର କରି ଚାଷ କରୁଥିଲେ। ଏହି କେନାଲର ୨ଟି ଶାଖା କେନାଲ ରହିଛି। ତାହା ହେଲା ମାଛଗାଁ କେନାଲ ଓ ତାଳଦଣ୍ଡା। ଉକ୍ତ ମଧୁର ପାଣି ସମୁଦ୍ର ଭିତରକୁ ବୋହି ଯାଏ। ସେହି ପାଣିକୁ ରୋକିବା ଲାଗି ଚଉମୁହାଣୀଠାରେ ଉକ୍ତ ଲକ୍ କରାଯାଇଥିଲା। କାଠ କବାଟ ବନ୍ଦ-ଖୋଲିବା ପାଇଁ ଉପରେ ଏକ ଚକ୍ର ଭଳି ହ୍ୟାଣ୍ଡେଲ କରାଯାଇଥିଲା। କେନାଲରେ ଅଧିକ ପାଣି ହେଲେ କବାଟ ଖୋଲି ଛଡ଼ାଯାଏ। ଦରକାର ହେଲେ ବନ୍ଦ କରାଯାଏ। କଟକଠାରୁ ଚଉମୁହାଣୀ ପର୍ଯ୍ୟନ୍ତ ୧୭ ଲକ୍ କରାଯାଇଥିଲା। ସେହି ନମ୍ବର ଓ ନାମ ଅନୁସାରେ ରାଜସ୍ୱ ରେକର୍ଡ ଥିବା ଜଣାଯାଏ। ଯେମିତି କୁଜଙ୍ଗ ପାଖ ମଙ୍ଗରାଜପୁର ଗ୍ରାମ ସୀମାକୁ ୧୫ ନମ୍ବର ଲକ୍ କୁହାଯାଉଛି। ସେହି ଲକ୍ ନାମାନୁସାରେ ଲକ୍ ଥାନା ହୋଇଛି। ଯେଉଁଠି ଡାକବଙ୍ଗଳା ଥିଲା ଏବେ ସେଠାରେ ଜଳସମ୍ପଦ ବିଭାଗର ଏକ କାର୍ଯ୍ୟାଳୟ ଓ ଅତିଥି ଭବନ ଅଛି। ତାଳଦଣ୍ଡା କେନାଲରେ ଏବେବି ପାଣି ଜଗତ୍‌ସିଂହପୁର ଜିଲାର ଅଧିକାଂଶ ଲୋକ ବ୍ୟବହାର କରୁଛନ୍ତି। ସମଗ୍ର ପାରାଦୀପର ୧୫ଟି ବୃହତ ଶିଳ୍ପ ଓ ପାରାଦୀପ ବନ୍ଦର ଉକ୍ତ କେନାଲ ଉପରେ ନିର୍ଭରଶୀଳ। ୧୯୬୨ ଜାନୁଆରୀ ୩ରେ ପାରାଦୀପ ବନ୍ଦର ଭିତ୍ତିପ୍ରସ୍ତର ହୋଇଥିଲା। ସେତେବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବହାରଲାଲ ନେହେରୁ ଓ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସେହି ଡାକ ବଙ୍ଗଳାରେ ରହିଥିଲେ। ସେତେବେଳେ ଉକ୍ତ ବନ୍ଦର ରାଜ୍ୟ ସରକାର ଆରମ୍ଭ କରିଥିଲେ। ସେହି ଚଉମୁହାଣୀଠାରେ ପାରାଦୀପ ବନ୍ଦର ପ୍ରକଳ୍ପର ଅଫିସ ହୋଇଥିଲା। ଯାହା ଏବେ ଭଗ୍ନ ଅବସ୍ଥାରେ ଅଛି। ଏଭଳି ଐତିହାସିକ ସ୍ଥାନକୁ ସଂରକ୍ଷିତ କରିବା ପାଇଁ ସାଧାରଣରେ ଦାବି ହେଉଛି।

ବିଲରେ ଜଳୁଛି ପାଳ

# ପରିବେଶ ପ୍ରଦୂଷଣ ସତ୍ତ୍ୱେ ନାହିଁ ପ୍ରତିକାର

ନୟାଗଡ଼ ଅଫିସ,୧୭।୧୨
(ଲୋକନାଥ ମିଶ୍ର)

- ଚାଷୀଙ୍କୁ କରାଯାଉନି ସଚେତନତା
- ଚାଳ ଛପର ଓ ଗୋ ଖାଦ୍ୟ ପାଇଁ ହେଉନି ବ୍ୟବହାର
- ବିକ୍ରି ହେଉ ନ ଥିବାରୁ ପୋଡୁଛି ଚାଷୀ

ନୟାଗଡ଼ ଜିଲାର ଧାନ ଜମିରେ ଗୋଖାଦ୍ୟ ପାଳ ଓ ନଡ଼ାକୁ ଏବେ କିଛି ବର୍ଷ ହେଲା ପୋଡ଼ା ଚାଲିଛି। ପାଳ ନଡା ପରି ଗୋଖାଦ୍ୟ ବିଲରେ ପୋଡ଼ାଯିବା ଯୋଗୁ ପରିବେଶ ପ୍ରଦୂଷଣ ବଢ଼ିବାରେ ଲାଗିଛି। ନଡ଼ା ଓ ପାଳ ପୋଡିର କୁପ୍ରଭାବ ନେଇ ଚାଷୀଙ୍କୁ ସଚେତନତା କରାଯାଉ ନ ଥିବାରୁ ଏହା ଅବାଧରେ ଚାଲିଛି। ଏଭଳିସ୍ଥିତି ଲାଗି ରହିଲେ ଆଉ କିଛି ବର୍ଷ ପରେ ଦିଲ୍ଲୀ ପରି ଅସୁବିଧା ନୟାଗଡ଼ ଜିଲାର ଗାଁ ଗହଳିର ଲୋକଙ୍କୁ ଭୋଗିବାକୁ ପଡିବ ବୋଲି ମତ ପ୍ରକାଶ ପାଇଛି। ତେବେ ଗାଈଗୋରୁ ଓ ଚାଳଘର ହ୍ରାସ କାରଣରୁ ଚାଷୀ ଖର୍ଚ୍ଚାନ୍ତ ହୋଇ ଆଉ ନଡା ଓ ପାଳ ଘରକୁ ନେଉ ନାହାଁନ୍ତି। ବରଂ ବିଲରେ ପାଳ ଓ ନଡା ପୋଡିବାକୁ ପରିସ୍ଥିତି ବାଧ୍ୟ କରୁଛି ବୋଲି ଅଭିଯୋଗ ଉଠିଛି।

ଏନେଇ ନୟାଗଡ ବ୍ଲକ ବାଲୁଗାଁର ଚାଷୀ ରଣଜିତ୍ ଦଳବେହେରା କୁହନ୍ତି, ଗାଁ ଗହଳିରେ ଗାଈ, ବଳଦ,ପୋଢ଼ ଓ ମଇଁଷୀ ଦେଖିବାକୁ ମିଳୁନାହାନ୍ତି। ଚାଷରେ ଯନ୍ତ୍ରର ବ୍ୟବହାର ବଢ଼ିବାପରେ ଏମାନଙ୍କର ସଂଖ୍ୟା ହ୍ରାସ ପାଇଲା। ଗାଈଗୋରୁଙ୍କ ପରି ଗୃହପାଳିତ ପ୍ରାଣୀଙ୍କ ସଂଖ୍ୟା ହ୍ରାସ ପାଇବାପରେ ଗୋଖାଦ୍ୟ ନଡା ଓ ପାଳ ଅଦରକାରୀ ହୋଇ ପଡିଛି। କିଛି ଛତୁଚାଷୀ ଯଦିଓ ନଡା କିଣୁଛନ୍ତି ତାହା ପର୍ଯ୍ୟାପ୍ତ ନୁହେଁ। ଘରେ ଗାଈଗୋରୁ ପରି ଗୃହପାଳିତ ପ୍ରାଣୀ ନ ଥିବାରୁ ଚାଷୀ ଆଉ ଖର୍ଚ୍ଚାନ୍ତ ହୋଇ ଘରକୁ ନଡା ଓପାଳ ଆଣୁନାହିଁ। ବିଲରେ ଧାନ ଅମଳଯନ୍ତ୍ରରେ ଧାନ ସଂଗ୍ରହ କରିବାପରେ ପାଳ ଓ ନଡାକୁ ବିଲରେ ପୋଡି ପକାଉଛି। ପ୍ରଥମତଃ ନଡା ଓ ପାଳ ପୋଡି ଯୋଗୁ ପରିବେଶ ପ୍ରଦୂଷିତ ହେଲା। ୨ୟରେ ଗାଈ ପରି ଗୃହପାଳିତ ପ୍ରାଣୀଙ୍କ ଅଭାବରୁ ଜମିରେ ଗୋବର ପରି ଜୈବିକସାର ଆଉ ପଡୁନି। ପୁଣି ଆଉ ଆଗଭଳି କ୍ଷୀର, ଦହି ଓ ଘିଅ ମିଳୁନି। ଆମେ କେବଳ ରୋଗ କିଣି ଚାଲିଛେ। ଏହାର ପରଣିତି ଆମେ



ଚାଷଜମିରେ ନଡ଼ା ପୋଡ଼ାଯାଉଛି।

ଭୋଗିଲେଣି। ଆଗକୁ ଆହୁରି ଭୟଙ୍କର ହେବ। ହେଲେ ଏଥି ନେଇ ସଚେତନତା ନାହିଁ। ଏନେଇ ବିଭିନ୍ନ ସମୟରେ କେନ୍ଦ୍ର ଓ ରାଜ୍ୟସରକାରଙ୍କୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ମିଳୁନି ବୋଲି କହିଛନ୍ତି। ନୂଆଗାଁ ର ରମାକାନ୍ତ ପ୍ରଧାନ କୁହନ୍ତ, ଗାଁ ଗହଳିରେ ଗାଈ, ବଳଦ, ପୋଢ଼ଙ୍କ ସଂଖ୍ୟା କମି ଚାଲିଛି। କିଛି ଆଦିବାସୀ ଗାଇ, ଗୋରୁ ରଖିଛନ୍ତି। ହେଲେ କିଛି ଅଣଚାଷୀ ନିଜକୁ ଚାଷୀ ଦର୍ଶାଇ ଗୁହାଳ ଯୋଜନାରେ ସହାୟତା ନେଉଛନ୍ତି। ଏପଟେ ସରକାର ଗୁହାଳ ଯୋଜନାରେ ସହାୟତା ଦେଉଛନ୍ତି ସେପଟେ ନଡା ଓପାଳ ପୋଡିର କାରଣ ଖୋଜୁନାହାନ୍ତି। ସରକାରଏହାକୁ ଅଣଦେଖା କଲେ ପରିସ୍ଥିତି ଭୟାବହ ହେବାର ରହିଛି। ରଣପୁରର କିଶୋର ସ୍ୱାଇଁ କୁହନ୍ତି, ଗାଈ, ବଳଦ ଓ ପୋଢ଼ଙ୍କ ସଂଖ୍ୟା କମିଗଲାଣି।

ତେବେ ଯେଉଁଚାଷୀମାନେ ଦର୍ସି ଗାଈ, ମଇଁଷୀ ପାଳୁଛନ୍ତି ସେମାନଙ୍କୁ ୧ହଜାରରୁ ଆରମ୍ଭ କରି ସହାୟତା ଦେଲେ କିଛିଟା ସମସ୍ୟା ସମାଧାନ ହୋଇପାରନ୍ତା। ଗୋଡିପଡ଼ାର ଗଣେଶ୍ୱର ମିଶ୍ର କୁହନ୍ତି, ପୂର୍ବରୁ ଗାଁଗହଳିରେ ଚାଳ ଛପର ଘର ଥିଲା। ଏବେ ଚାଳ ଛପର ଘର ସ୍ଥାନରେ ଆଜବେଷ୍ଟସ ଓ ଛାତ ଘର ଦେଖିବାକୁ ମିଳୁଛି। ଚାଷୀ ଗାଈ ଓ ବଳଦ ରଖିଲାନି। ପୁଣି ଘରକୁ ନଡା ଛପର କରିଲାନି। ଏଣୁ ପାଳ ଓ ନଡାକୁ ବିଲରେ ଯଦି ନ ପୋଡିବ ତେବେ କଣ କରିବ। ଚାଷୀ କଣ କଲେ ଭଲ ହେବ ସରକାର ସଚେତନତା କରାଇବା ଦରକାର ବୋଲି କହିଛନ୍ତି। ପରିବେଶବିତ୍ ସଞ୍ଜୟ ସାହୁ କୁହନ୍ତି, ନଡା ଓ ପାଳ ପୋଡିର କାରଣ ସମସ୍ତେ ଜାଣନ୍ତି। ହେଲେ ଚାଷୀଙ୍କୁ ସଚେତନତା କରାଇଲେ ସେ ପାଳ ଓ ନଡାକୁ ନ ପୋଡି କଣ କରିଲେ ତାର ଲାଭ ହେବ ସେନେଇ ଉପାୟ ବତାଇବା ଦରକାର। ଅନ୍ୟପକ୍ଷେ ଛତୁ ଚାଷକୁ ପ୍ରୋତ୍ସାହନ ଦେବା ଦରକାର। ଏହା ଦ୍ୱାରା ଅଧିକ ସଂଖ୍ୟକ ନଡାର ଆବଶ୍ୟକ ପଡିବ। ପାଳକୁ କଣ କରାଯିବ ସେନେଇ ଉଦ୍ୟମ କରାଯିବା ଦରକାର। ଅନ୍ୟପକ୍ଷେ ନଡା ଓ ପାଳ ପୋଡି ବନ୍ଦ ପାଇଁ ପଦକ୍ଷେପ ନେବା ଜରୁରୀ ହୋଇ ପଡିଛି।।

# ମାତୃ, ଶିଶୁ ଚିକିତ୍ସାଳୟ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

ଓଡ଼ଗାଁ,୧୭।୧୨
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ୪ କୋଟି ୨୧ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ୩୦ ଶଯ୍ୟା ବିଶିଷ୍ଟ ନୂତନ ମାତୃ ଓ ଶିଶୁ ଚିକିତ୍ସାଳୟ ରବିବାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ନୟାଗଡ଼ ବିଧାୟକ ଡ଼,ଅରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିରୂପେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ,ସମ୍ମାନିତ ଅତିଥିରୂପେ ଜିଲାପାଳ ରବୀନ୍ଦ୍ରନାଥ ସାହୁ,ବିଶିଷ୍ଟ ଅତିଥିରୂପେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ ରମାକାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।ଏହି ଅବସରରେ ମନ୍ତ୍ରୀ ଅମାତ ଅତୀତ ଦିନର ସ୍ମୃତିକୁ ରୋମନ୍ଥନ କରିଥିଲେ। ୨୦ ବର୍ଷ ତଳେ ଉପନିର୍ବାଚନ ସମୟରେ ସେ ଓଡ଼ଗାଁ ଆସିଥିବାବେଳେ ସେତେବେଳର ଓଡ଼ଗାଁର ଛବି ଓ ଆଜିର ବିକଶିତ ଓଡ଼ଗାଁ ମଧ୍ୟରେ ଆକାଶ ପାତାଳର ଫରକ ବୋଲି କହିଥିଲେ। ଠିକ ସେହିପରି ବର୍ତ୍ତମାନର ଓଡ଼ଗାଁ କଲେଜ କୌଣସି ଉଚ୍ଚ ବେସରକାରୀ ସଂସ୍ଥା ଠାରୁ କମ ନୁହେଁ। କଲେଜ ପାର୍ଶ୍ୱରେ ନିର୍ମିତ ପଦ୍ମଶ୍ରୀ ରାଧାମୋହନ ଆମ୍ବ ତୋଟା ଦେଖି ଖୁସି ବ୍ୟକ୍ତ କରିଥିଲେ। ବିଧାୟକ ସାହୁ ଡିସେମ୍ବର ମାସ ୨୨ ତାରିଖରେ ଏହି ନୂତନ କୋଠାର ଶିଳାନ୍ୟାସ କରିଥିବା ବେଳେ ମାତ୍ର ୧୧ ମାସରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇ ପାରିଛି ଯାହା କି ନୟାଗଡ଼ ନିର୍ବାଚନମଣ୍ଡଳୀରେ ସମ୍ଭବ। ଓଡ଼ଗାଁ ସରକାରୀ ପଲି ଟେକନିକଠାରୁ ଆରମ୍ଭ କରି ରାମସାଗର ପାର୍କ,ଅତ୍ୟାଧୁନିକ ଖେଳପଡିଆ,ଆଦର୍ଶ ବିଦ୍ୟାଳୟ ଆଜି ବିକାଶର ମୁଖ ସାକ୍ଷୀ ସାଜିଛି। ୭ କୋଟି ୧୧ ଲକ୍ଷ ବ୍ୟୟ ଅଟକଳରେ ରଘୁନାଥ ମନ୍ଦିର ଓ ଦୁତିକେଶ୍ୱର ମନ୍ଦିର ନବକଳେବର ହେବ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆଗାମୀ ଦିନରେ ଡାକ୍ତର ସମସ୍ୟା ଦୂରୀଭୂତ ହେବା ସହ ବରକନ୍ୟା ଝରଣା ବିକାଶ ନିମନ୍ତେ ୪ କୋଟି ୪୨ ଲକ୍ଷ ଓ ବୁଢ଼ାବୁଢ଼ୀଆଣି ଡ୍ୟାମର ରୂପାନ୍ତରଣ ନିମନ୍ତେ ୧୦ କୋଟି ଅର୍ଥ ମଞ୍ଜୁର ହୋଇଥିବା ନେଇ ଘୋଷଣା କରିଥିଲେ। ଆସନ୍ତା ୮ ଦିନ ମଧ୍ୟରେ ଓଡ଼ଗାଁ ସହରବାସୀଙ୍କ ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଆରମ୍ଭ ହେବ ବୋଲି କହିଥିଲେ। ଓଡ଼ଗାଁ ପାଇଁ ଆଜି ଗର୍ବର ଦିନ ଜିଲାପାଳ କହିଥିବାବେଳେ ରୂପାନ୍ତରଣରେ ବିଧାୟକ ଡ଼ ସାହୁଙ୍କ ଆନ୍ତରିକ୍ତତା ରହିଛି ବୋଲି ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ କହିଥିଲେ। ବିଡ଼ିଓ ଜିତେନ୍ଦ୍ର କୁମାର ନାୟକ,ତହସିଲଦାର ମାନସ ରଞ୍ଜନ ଭୋଇ,ଜିଲା ପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ,ଝିଲି ପ୍ରଧାନ ମଞ୍ଚାସୀନ ଥିଲେ। ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଓଡଗାଁ ମେଡିକାଲ ଅଫିସର ଡ. ନୀଳାଞ୍ଜନ ଦାସ ଓ ଶରଣକୁଳ ଗୋଷ୍ଠୀ ସୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଅବିନାଶ ନାୟକ ଉପସ୍ଥିତ ଥିଲେ।

# ଆଜିଠୁ ଖଣ୍ଡପଡ଼ା ମହୋତ୍ସବ, ପଲ୍ଲିଶ୍ରୀ ମେଳା

ଖଣ୍ଡପଡା,୧୭।୧୨(ସ୍ୱ.ପ୍ର)

କଳାବିକାଶ ପରିଷଦ ଖଣ୍ଡପଡା ପକ୍ଷରୁ ଖଣ୍ଡପଡା ମଧୁବନ ମିନି ଷ୍ଟାଡିୟମରେ ସୋମବାରଠାରୁ ୫ଦିନ ବ୍ୟାପି ଆରମ୍ଭ ହେବ ଖଣ୍ଡପଡା ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା –୨୦୨୩। ମହୋତ୍ସବ କମିଟିର ମୁଖ୍ୟ ପୁରୋଧା ପ୍ରଦୀପ୍ତ କିଶୋର ମିଶ୍ର ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ଏହି ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ କମିଟିର କର୍ମକର୍ତ୍ତାମାନେ ପୁରାଦମରେ ଲାଗି ପଡିଛନ୍ତି। ଏହା ଆସନ୍ତା ୨୨ ତାରିଖରେ ଶେଷ ହେବ। ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ରୁପେ ନୟାଗଡ ଜିଲାପାଳ ରବିନ୍ଦ୍ର ନାଥ ସାହୁ, ମୁଖ୍ୟବକ୍ତା ବରିଷ୍ଠ ଉପ ନିର୍ଦ୍ଦେଶକ ଅଶୋକ କୁମାର ହୋତା, ୨ୟ ଦିବସରେ ମୁଖ୍ୟ ଅତିଥି ଭାବେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର, ମୁଖ୍ୟବକ୍ତା ଭାବେ ଓଡିଶା କ୍ରୀଡା ବିଭାଗ ପଦସ୍ଥ ଅଧିକାରୀ ଡ. ଭାରତୀ ଭୂଷଣ ମିଶ୍ର,, ୩ୟ ଦିବସରେ ମୁଖ୍ୟ ଅତିଥି ଭାବେ ନୟାଗଡ ଉପଜିଲ୍ଲାପାଳ ବିଧାନ ଚନ୍ଦ୍ରରାୟ, ମୁଖ୍ୟବକ୍ତା ଭାବେ ପ୍ରବଚକ ମନୋଜ କୁମାର ଦାଶ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମହୋତ୍ସବ ପଡିଆରେ ୪୦ରୁ ଉର୍ଦ୍ଧ୍ୱ ସରକାରୀ ଷ୍ଟଲ ଓ ୫୦ରୁ ଉର୍ଦ୍ଧ୍ୱ ବେସରକାରୀ ଷ୍ଟଲ ଖୋଲାଯିବ ବୋଲି ଅନୁଷ୍ଠାନର ସଭାପତି ମିଶ୍ର ସୂଚନା ଦେଇଛନ୍ତି। ପ୍ରତ୍ୟେହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ଆର୍ମି ଅଫିସରଙ୍କ ସହ ତାରାତାରିଣୀ ମନ୍ଦିର ବୁଲିଲେ ଛାତ୍ରୀଛାତ୍ର

ଓଡ଼ଗାଁ,୧୭।୧୨
(ଆଦର୍ଶ କୁମାର ପଟ୍ଟନାୟକ)

ସମ୍ପ୍ରତି ପିକ୍‌ନିକ୍ ଋତୁ ଚାଲିଛି। ଏହି ଅବସରରେ ବାଉଁଶଗାଡ଼ିଆ ସରସ୍ୱତୀ ଶିଶୁ ମନ୍ଦିରର କୁନି କୁନି ଛାତ୍ରୀଛାତ୍ର ଜଣେ ଭେଟେରାନ ଆର୍ମି କର୍ଣ୍ଣେଲଙ୍କ ସହିତ ଏହାର ମଜ୍ଜା ନେଇଛନ୍ତି। ଭେଟେରାନ କର୍ଣ୍ଣେଲ ଜୟରାମ ତ୍ରିପାଠୀ ଉକ୍ତ ସ୍କୁଲର ୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ,ଶିକ୍ଷକଙ୍କ ସହିତ ଶୁକ୍ରବାର ଗଞ୍ଜାମ ଜିଲାର ପ୍ରସିଦ୍ଧ ତାରାତାରିଣୀ ମନ୍ଦିର ଦର୍ଶନ କରିଛନ୍ତି। ପିଲାମାନେ ରୋପୱେରେ ବସି ମୁଣ୍ଡିଆ ଉପରକୁ ଯିବାବେଳେ ଏହାର କାର୍ଯ୍ୟକାରିତା ଓ ନିରାପତ୍ତା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଗୋପାଳପୁର ସମୁଦ୍ର କୂଳରେ ବୁଲିବା ସମୟରେ ସେମାନଙ୍କ ପ୍ରଥମ ଅନୁଭୂତି ଓ ସମୁଦ୍ର ଲହଡି ସେମାନଙ୍କୁ ବେଶ ରୋମାଞ୍ଚିତ କରିଥିବା କର୍ଣ୍ଣେଲ ସାହେବ କହିଛନ୍ତି। ଦୀର୍ଘ ଜୀବନ ଆର୍ମିରେ ବିତାଇବାପରେ ପିଲାଙ୍କ ସହ କିଛି ସମୟ ବିତାଇବାକୁ ସେ ବହୁତ ଖୁସି ଅନୁଭବ କରିଥିବା କହିଛନ୍ତି।

# ରଣପୁର ବ୍ଲକରେ ଶିଶୁମେଳା

ରଣପୁର,୧୭।୧୨
(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ବ୍ଲକ ଓଷ୍ଟାର ଶିଶୁମେଳା ରବିବାର ନରେନ୍ଦ୍ରପୁର ପଞ୍ଚାୟତସ୍ଥ ବାସୁଦେବ ଦୁର୍ଯ୍ୟୋଧନ ଆଞ୍ଚଳିକ ବିଦ୍ୟାପୀଠରେ ସଭାପତି ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଓଷ୍ଟାର ପତାକା ଉତ୍ତୋଳନ କରି ୧୦ ବିଭାଗରେ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। ତର୍କରେ ସୁଶ୍ରୀ ସମୀକ୍ଷା, ଚିନ୍ମୟ ଚିରଞ୍ଜିବୀ, କଣ୍ଠ ସଙ୍ଗୀତରେ ବୈଷ୍ଣବୀ ପ୍ରଧାନ, ଦୀପକ କୁମାର ବେହେରା, ଚିତ୍ରାଙ୍କନରେ ବିଜୟିନୀ ପାଇକରାୟ, ଧୀରଜ କୁମାର ମହାପାତ୍ର, କବିତା ଆବୃତ୍ତିରେ ସୁପ୍ରଭା ନାୟକ, ସିପ୍ରା ସୃଜନିକା ରଣା, ଗଳ୍ପ ଲିଖନରେ ପ୍ରତିଭା ରାଉତ, ସଗୁନ ସ୍ୱାଇଁ, କବିତା ରଚନାରେ ସଙ୍ଗୀତା ପ୍ରିୟଦର୍ଶନୀ ବେହେରା, ଏକକ ଅଭିନୟରେ ରାଜଶ୍ରୀ ସାମନ୍ତସିଂହାର, ସ୍ୱର୍ଣ୍ଣ ଅଙ୍କିତା, ଏକକ ନୃତ୍ୟରେ ପାୟଲ ପ୍ରିୟଦର୍ଶିନୀ, ସରସ୍ୱତୀ ବେହେରା, ସାଧାରଣ ଜ୍ଞାନରେ ଆଦିତ୍ୟ ସ୍ୱାଇଁ, ଆଶିଷ କୁମାର, କୁଇଜ୍‌ରେ ସୁଶାନ୍ତ ମହାପାତ୍ର, ସ୍ନେହଲତା ମୁଦୁଲି ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଶିକ୍ଷକ ନେତା କିଶୋର ଚନ୍ଦ୍ର ପରମଗୁରୁ, ସମ୍ମାନିତ ଅତିଥି ଶିକ୍ଷାବିତ୍ ପ୍ରସନ୍ନ କୁମାର ରଥ, ସାହିତ୍ୟିକ ଯାମିନୀକାନ୍ତ ନାୟକ, ଶିକ୍ଷାବିତ୍ ନିରଞ୍ଜନ ପାଇକରାୟ, ପଦ୍ମଚରଣ ବିଶାଳ, ଜିଲ୍ଲା ଓଷ୍ଟାର ଯୁଗ୍ମ ସମ୍ପାଦିକା ହରପ୍ରିୟା ଗୁମାନସିଂହ, ବିଦ୍ୟାଳୟ କମିଟିର ବରିଷ୍ଠ ସଦସ୍ୟ ମହନ୍ତ ଗୋପାଳ ଚରଣ ଦାସ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ଶରତ କୁମାର ସାହୁ ମଞ୍ଚ ସଂଯୋଜନା କରିଥିଲେ। ବ୍ଲକ ଓଷ୍ଟାର ସମ୍ପାଦକ ବିଜୟ କୁମାର ପରିଡା ଓ ପ୍ରଧାନ ଶିକ୍ଷକ ମନୋଜ କୁମାର ଗୁମାନସିଂହ ଶିଶୁମେଳାକୁ ପରିଚାଳନା କରିଥିଲେ। ଶିକ୍ଷକ କବିରାଜ ବେହେରା, ଦିଲୀପ କୁମାର ପଣ୍ଡା, ଚରଣ ନାୟକ, ଶିକ୍ଷୟିତ୍ରୀ ବିନତା ଦେଈ, ସୁଜାତା ଦେବୀ, ପୁରାତନ ଛାତ୍ରୀ ଚିନ୍ମୟୀ ବାରିକ ପ୍ରମୁଖ ସହଯୋଗ କରିଥିଲେ। ନୃତ୍ୟଗୁରୁ ସୂର୍ଯ୍ୟବାନ ଦଳବେହେରା, ସଂଗୀତଜ୍ଞ ପ୍ରଦୀପ କୁମାର ମହାପାତ୍ର, ମଞ୍ଚ ନିର୍ଦ୍ଦେଶକ ଶ୍ରୀତମ ବରାଳ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ବ୍ଲକ ଓଷ୍ଟାର ରାଜ୍ୟ ପରିଷଦ ସଦସ୍ୟ କ୍ଷୀରୋଦ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଷୀ, ଚାଷର ଉନ୍ନତି ପାଇଁ ଦାବି

## ସମସ୍ୟାର ସମାଧାନ ଦାବି କଲା ଭାଜପା




ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

ନୟାଗଡ଼,୧୭।୧୨(ଲୋକନାଥ ମିଶ୍ର)

ନୟାଗଡ ଜିଲାର ଚାଷୀ ଓ ଚାଷର ଉନ୍ନତି କଳ୍ପେ ଭାଜପାର ନୟାଗଡ଼ କୃଷକ ମୋର୍ଚ୍ଚା ପକ୍ଷରୁ ୧୧ ଦଫା ଦାବି ରଖି ସମାଧାନ କରିବାକୁ ଜିଲା ପ୍ରଶାସନ ଓ ସରକାରଙ୍କୁ ଅନୁରୋଧ କରାଯାଇଛି। ଏନେଇ ରବିବାର ଏକ ଖବରଦାତା ସମ୍ମିଳନି କରି ୧୧ ଦଫା ଦାବି ଉପସ୍ଥାପନ କରାଯାଇଛି। ଜିଲାରେ ଧାନମଣ୍ଡି ଖୋଲିବାରେ ବିଳମ୍ବ କରାଯାଉଥିବାରୁ ଚାଷୀ ଶାଗ ମାଛ ଦରରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛି। ଏଣୁ ତୁରନ୍ତ ମଣ୍ଡି ଖୋଲିବାକୁ ଦାବି ରହିଛି। ସେହିଭଳି ମଣ୍ଡିରେ ପାନୀୟ ଜଳ, ଶୌଚାଳୟ, ବିଶ୍ରାମଗାର ପରି ବ୍ୟବସ୍ଥା ସହ ଚାଷୀର ଧାନରେ କଟନୀଛଟନୀ ବନ୍ଦ କରିବାକୁ କୁହାଯାଇଛି। ପ୍ରତି ଧାମଣ୍ଡିରେ କଂକ୍ରିଟ ଖଳା, ପ୍ରଶାସନ ସିଧାସଳଖ ଧାନ କିଣିବା, ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ଶୀତଳଭଣ୍ଡାର ଖୋଲିବାକୁ ଦାବି ରହିଛି। ଅନ୍ୟପକ୍ଷେ ଚିନିକଳକୁ ତୁରନ୍ତ ଚାଲୁ କରିବା ସହ ଶ୍ରମିକ ଓ ଚାଷୀଙ୍କ ବକେୟା ଦେୟ ତୁରନ୍ତ ପ୍ରଦାନ, ବୃତ୍ତଙ୍ଗ ଜଳ ସେଚନ ଯୋଜନାକୁ ଶୀଘ୍ର କାର୍ଯ୍ୟକାରୀ କରାଇବା, ମହାନଦୀରେ ଆନିକଟ କରି ପାଣି ଯୋଗାଇବା, ବନ୍ୟପ୍ରାଣୀଙ୍କ ଦ୍ୱାରା ଫସଲ ନଷ୍ଟର କ୍ଷତି ପୂରଣ ଦେବା, ସାର, ବିହନ ଓ ରବି ଫସଲ ବିହନ ତଥା ମାଗଣା ମୁଗ, ବିରି, ଚିନାବାଦାମ, ସୋରିଷ ଭଳି ବିହନରେ ବ୍ୟାପକ ଅନିୟମିତତାକୁ ଧରପଗଡ କରି ଦଣ୍ଡ ଦେବା ପରି ଦାବି ରହିଛି।ଖବରଦାତା ସମ୍ମିଳନୀରେ କୃଷକ ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ଜିଲା ସଭାପତି ଶ୍ରୀନିବାସ ପ୍ରଧାନ, ରାଜ୍ୟ ସଂଯୋଜକ ବସନ୍ତ ପଟ୍ଟନାୟକ, ବରିଷ୍ଠ କର୍ମୀ ସ୍ନେହ ରଞ୍ଜନ ଦାସ ଜୟସିଂ, ବରିଷ୍ଠ କାର୍ଯ୍ୟକର୍ତ୍ତା ସନ୍ତୋଷ ପ୍ରଧାନ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅମିତ୍



@ ଅର୍ଜୁନ



@ ସତ୍ୟବ୍ରତ



@ ଶିବରାମ



@ ସୂର୍ଯ୍ୟପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପ୍ରଥମ ପୃଷ୍ଠାରୁ

### ବୁଖାରୀଙ୍କ ଗୁମର...

(ପ୍ରଥମ ପୃଷ୍ଠାରୁ)

ତଥ୍ୟ ମିଳିବ ବୋଲି ଏସ୍‌ଟିଏଫ୍ ଆଶା ବାନ୍ଧିଛି। ଅନ୍ୟପକ୍ଷରେ ଯାଜପୁର ଜିଲାର ରଗଡ଼ି ଜେଲରେ ବୁଖାରୀ ରହିଥିବା ବେଳେ ଜେଲ ବାହାରେ ସୁରକ୍ଷା ବଢ଼ାଯିବ। ଏନେଇ ଜେଲ ଅଧ୍ୟକ୍ଷ ଯାଜପୁର ଏସ୍‌ପିଙ୍କୁ ଚିଠି ଲେଖିଥିବା ସୂଚନା ମିଳିଛି। ସେପଟେ ଏହି ମାମଲାରେ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ 'ନ୍ୟାୟ ପାଇଁ ଲଢ଼େଇ ପରିବାର'ର ସଭାପତି ସୁବ୍ରତ ଦାଶ ଏତଲା ଦେଇଛନ୍ତି। ଏହି ମାମଲାରେ କମିଶନଙ୍କ ଏକ ଟିମ୍ ତଦନ୍ତ କରୁ ବୋଲି ସେ ଏତଲାରେ ନିବେଦନ କରିଛନ୍ତି। ବୁଖାରୀଙ୍କ ଦେଶବିରୋଧୀ କାର୍ଯ୍ୟକଳାପ ସମ୍ପର୍କରେ ପ୍ରମାଣ ମିଳିବା ପରେ ଏସ୍‌ଟିଏଫ୍ ତାଙ୍କ ବିରୋଧରେ ଦେଶବିରୋଧୀ ଦଫା ଲଗାଇ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ବୁଖାରୀ ନିଜକୁ ଡାକ୍ତର, ପିଏମ୍‌ଓ ଅଧିକାରୀ ଆଦି କହି ଓଡ଼ିଶା ସମେତ କଶ୍ମୀର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଭଳି କେତେକ ରାଜ୍ୟରେ ଯୁବତୀଙ୍କୁ ବିଭିନ୍ନ ୱେବ୍‌ସାଇଟ ଓ ଆପ୍ ମାଧ୍ୟମରେ ପ୍ରେମଜାଲରେ ଫସାଇ ବିବାହ କରୁଥିଲେ। ସେ ମହିଳାମାନଙ୍କୁ ବିବାହ ପରେ ସେମାନଙ୍କଠାରୁ ଟଙ୍କା ଲୁଟୁଥିଲେ। ବିଭିନ୍ନ ଅଞ୍ଚଳରେ ବିବାହ କରିବା ପଛରେ ନିଜକୁ ଲୁଚାଇ ରଖି ସମ୍ବେଦନଶୀଳ ତଥ୍ୟ ସଂଗ୍ରହ କରିବା ବୁଖାରୀଙ୍କ ଅସଲ ଉଦ୍ଦେଶ୍ୟ ବୋଲି ସନ୍ଦେହ କରାଯାଉଛି।

### ଫସଲହାନିରୁ ଚାଷୀଙ୍କ...

ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଚମରୁ ଚଳିତ ଖରିଫ ଋତୁରେ ପ୍ରାୟ ୨ଏକର ଜମିରେ ଧାନ ଚାଷ ଓ ବାଡ଼ିରେ କୋବି ଚାଷ କରିଥିଲେ। ପରିବାରରେ ଚମରୁଙ୍କ ସ୍ତ୍ରୀ ଓ ଦୁଇପୁଅ ଜଗଦୀଶ ଏବଂ ଗଜପତି। ଦୁଇପୁଅ ଯୁକ୍ତ ୨ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗାଁରେ ମୂଲମଜୁରି କରିବା ସହ ବାପାଙ୍କୁ ଚାଷରେ ସହାୟତା କରୁଥିଲେ। ତେବେ ଆର୍ଥିକ ଅବସ୍ଥା ଖରାପ ହେବାରୁ ସେମାନେ ଏବେ ଗୁଜରାଟ ଯାଇ ଦାଦନ ଶ୍ରମିକ ଭାବେ କାମ କରୁଛନ୍ତି। ୨ ଏକର ଜମିରୁ ଫସଲ ଅମଳ ଆଶାଜନକ ନ ହେବାରୁ ଚମରୁ ଚିନ୍ତିତ ଥିଲେ। ସେ ଧାରଉଧାର କରି ଚାଷ କରିଥିବା ପରିବାର ଲୋକେ କହିଛନ୍ତି। ତେବେ କେତେ ଟଙ୍କା ସେ ଧାରଉଧାର କରିଛନ୍ତି ସେ ନେଇ ତାଙ୍କ ପରିବାର ତରଫରୁ ସ୍ପଷ୍ଟ କୁହାଯାଇନାହିଁ। ବ୍ୟାଙ୍କରୁ ଋଣ କରିଛନ୍ତି କି ନା ସେନେଇ ମଧ୍ୟ ପରିବାର ପାଖରେ ସୂଚନା ନାହିଁ। ଚାଷୀ ଆତ୍ମହତ୍ୟା ଅଭିଯୋଗ ଉଠିବା ପରେ ଟିଟିଲାଗଡ କୃଷି ବିଭାଗ ଅଧିକାରୀ ଏବଂ ମାର୍ଲାଡ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ବିନେକେଲା ଗାଁକୁ ଯାଇ ଚାଷୀ ଆତ୍ମହତ୍ୟା ଓ ଫସଲହାନି ସଂକ୍ରାନ୍ତରେ ତଦନ୍ତ କରିଥିଲେ। ଚଳିତବର୍ଷ ବଲାଙ୍ଗୀର ଜିଲାରେ ଦୁଇଜଣ ଚାଷୀ ଆତ୍ମହତ୍ୟା କରିବା ଅଭିଯୋଗ ଉଠିଲାଣି। କିଛିଦିନ ପୂର୍ବରୁ ପୁଇଁତଳା ବ୍ଲକ ଅନ୍ତର୍ଗତ ବୁବେଲ ଗାଁର ଜଣେ ଚାଷୀ ଚକଡା ଯୋଗୁ ଫସଲହାନି ହେବାରୁ ବିଷପିଇ ଆତ୍ମହତ୍ୟା କହିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା।

